# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

**କ୍ର.ନଂ. *159*** **ସପ୍ତାହକ୍ର.ସଂ. - 07** **ତାରିଖ- 13.02.2018**

**(ସୌଜନ୍ୟ – ଓୟୁଏଟିସ୍ଥିତ କୃଷିପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ, ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)**

ଉପକୂଳ ଓଡିଶାରେ ଆସନ୍ତା ୧୩ ଓ ୧୪ ତାରିଖରେ ଘଡ଼ଘଡ଼ି ସହିତ ବର୍ଷାର ସୂଚନା ଅଛି ।

## ବିଶେଷ କୃଷି ସୂଚନା

- ବର୍ଷା ପରେ ପରେ ଜମିର ଆର୍ଦ୍ରତା ଉପଯୁକ୍ତ ହୋଇଗଲେ ଖରାଟିଆ ମୁଗ ଝୁଡଙ୍ଗ ଆଦି ଫସଲର ବୁଣା ବୁଣି କାମ କରିଦିଅନ୍ତୁ ,ବିରି ,।
- ଗହମମଟର ଆଦି ଫସଲ ଅମଳ ଅବସ୍ଥାରେ ଥିଲେ ଯଥା ଶୀଘ୍ର ଅ ,ବିରି ,ମୁଗ ,ସୋରିଷ ,ମଳ କରି ସୁରକ୍ଷିତ ସ୍ଥାନକୁ ବୋହି ଆଣନ୍ତୁ ।
- ପନିପରିବା ଓ ଫୁଲ ଆଦି ଫସଲ ଅମଳ ଅବସ୍ଥାରେ ଥିଲେ ଉପଯୁକ୍ତ ମୂଲ୍ୟ ପାଇବା ପାଇଁ ବର୍ଷା ପୂର୍ବରୁ ଯଥା ଶ୍ରୀଘ୍ର ଅମଳ କରି ଦିଅନ୍ତୁ । ନଚେତ୍ ବର୍ଷା ଓ କୁଆ ପଥର ମାଡରେ ଫୁଲ ଓ ପନିପରିବାର ମାନ କମିଯିବ ।
- କୁଆ ପଥର ମାଡ ସରିବା ପରେ ପରେ ଯଥା ଶୀଘ୍ର କୋବିଜାତୀୟ ଫସଲ ,ଶାଗ ଓ ଲତାଜାତୀୟ ପନିପରିବା ଫସଲରୁ କୁଆପଥର ଗୁଡିକୁ ବାହାର କରିଦିଅନ୍ତୁ ।
- ବର୍ଷା ପରେ ପରେ ଜମି ଓ ହୁଡାରୁ ଅନାବନା ଗଛ ବାଛି ସଫା କରିଦିଅନ୍ତୁ ।
- ଖରାଟିଆ ଡାଲି ଫସଲ ଓ ମୁଗ ଓ ବିରି ଏବଂ ଖରାଟିଆ ଚିନାବାଦାମ ଫସଲ ଚାରା ଅବସ୍ଥାରେ (ଏକରୁ ଦୁଇ ସପ୍ତାହରେ ହୋଇଯାଇଥିଲେ) ଥିଲେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- ବର୍ଷାଯୋଗୁଁ ବାୟୁମଣ୍ଡଳ ଆର୍ଦ୍ରତା ରହିବା ଫଳରେ ଫୁଲକୋବି ଓ ବନ୍ଧାକୋବିରେ କଳାସଢା ରୋଗ ଓ ଆମ୍ବରେ ଆମ୍ବ ଡାହାଣୀ ପୋକ , ଡାଲିଜାତୀୟ ଫସଲରେ ସାହେବୀ ରୋଗ ଓ ,ପତ୍ରଦାଗ ,ଧାନରେ ବୀଜାଣୁ ଜନିତ ପତ୍ରପଡା ରୋଗ ,ଗେଣ୍ଡୁରେ ପତ୍ରପୋଡା ରୋଗ ଧଳା କଳଙ୍କି ର ,ସୋରିଷ ଓ ତୈଳବୀଜ ଜାତୀୟ ଫସଲରେ ପତ୍ରଦାଗ ,ପାଉଁଶିଆ ରୋଗୋଗ ଓ ପାଉଁଶିଆ ରୋଗ ସମ୍ଭାବନା ଅଛି ।

## ଫସଲ ସଂରକ୍ଷଣ

### କୋବିଜାତୀୟ ଫସଲ

ବର୍ଷା ଓ କୁଆ ପଥର ମାଡରେ ବନ୍ଧାକୋବି ପାକଳ ଅବସ୍ଥାରେ ଥିଲେ ଫାଟି ଯିବାର ସମ୍ଭାବନା ଅଛି । ତେଣୁ ବର୍ଷା ପୂର୍ବରୁ ଅମଳ କରିନିଅନ୍ତୁ ।

ଫୁଲକୋବି ଓ ବନ୍ଧାକୋବିରେ କଳା ସଢ଼ା ରୋଗ ଲାଗିବାର ସମ୍ଭାବନା ରହିଛି । ଏହାର ନିରାକରଣ ପାଇଁ

୧ ଅଧିକ ପାଣି ଜମି ରହୁଥିଲେ ପାଣି କାଟି ବିଲରେ ପାଣିର ମାତ୍ରା ଠିକ ରଖନ୍ତୁ -।

୨ ଏହାର ଦମନ ପାଇଁ -ଷ୍ଟ୍ରେପ୍ଟୋସାଇକ୍ଲିନ ୦.୦ ବ୍ଲାଇଟକ୍ସ + %୦୧୫.୨୫.୧ ଷ୍ଟ୍ରେପ୍ଟୋସାଇକ୍ଲିନ) %୫ ଗ୍ରାମ୍ + ଲିଟର ୧୦/ବ୍ଲାଇଟକ୍ସ ୨୫ ଗ୍ରାମ୍ (ଲିଟର ୧୦/ସିଞ୍ଚନ କରନ୍ତୁ ।

- ବର୍ଷା ପୂର୍ବରୁ ଏବଂ ପରେ ପନିପରବା ଫସଲ ମାଟିରେ ପଡି ଯାଇଥିଲେ ତାକୁ ଟେକି ଦିଅନ୍ତୁ ।

**ଆମ୍ବ ଡାହାଣୀ (**ଅଧିକ ମାତ୍ରାରେ ଆର୍ଦ୍ରତା ଯୋଗୁଁ ଆମ୍ବ ଡାହାଣୀ ହେବାର ସମ୍ଭାବନା ଅଛି ।

ଆମ୍ବ ଡାହାଣୀ ଲାଗିଲେ ନିମ୍ବ ପତ୍ର ଧୂଆଁ ଦିଅନ୍ତୁ ।

ଆମ୍ବ ଡାହାଣୀ ଲାଗିଲେ ଏହାର ଦମନ ପାଇଁ କ୍ଲୋରୋପାଇରିଫସ୍ ୨ମିଲି ଲିଟର ସିଞ୍ଚନ କରନ୍ତୁ ୩/ମିଲି ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍/।

ଏହାର ଏକ ସପ୍ତାହ ପରେ କାର୍ବେଣ୍ଡାଜିମ୍ ଲିଟର ସିଞ୍ଚନ କରନ୍ତୁ/ଗ୍ରାମ୍ ୩ ମାଙ୍କୋଜେବ/।

ଆମ୍ବରେ ବଉଳ ଥିବା ଅବସ୍ଥାରେ ଥିଲେ କୁଆ ପଥର ମାଡରୁ ରକ୍ଷା ପାଇବା ପାଇଁ ଗଛଠାରୁ ୧ ଫୁଟ ଉପରେ ଜାଲକୁ ମଶାରି ଭଳି ବାନ୍ଧି ଦିଅନ୍ତୁ ।

## ଗେଣ୍ଡୁରେ ପତ୍ରଦାଗ ରୋଗ

ଗେଣ୍ଡୁରେ Leaf blight ରୋଗ ହେଲେ ସାଫ୍ କିମ୍ବା ସଲଫେକ୍ସ ସିଞ୍ଚନ କରନ୍ତୁ ।

ବିଲରେ ପାଣିର ମାତ୍ରା ଠିକ ରଖନ୍ତୁ ।

## ଧାନରେ ବୀଜାଣୁଜନିତ ପତ୍ରପୋଡା ରୋଗ

ଆକ୍ରାନ୍ତ ବିଲରେ ଷ୍ଟ୍ରେପ୍ଟୋସାଇକ୍ଲିନ ୧ ଗ୍ରାମ ଓ କପର ଅକସୀକ୍ଲୋରାଇଡ ୩୦ ଗ୍ରାମ କୁ ୧୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ ।

## ଡାଲି ଫସଲରେ ପତ୍ରଦାଗ ରୋଗ

ଅଧିକ ମାତ୍ରା ରେ ଯବକ୍ଷାରଯାନ ସାର ପ୍ରୟୋଗ କରନ୍ତୁ ନାହି ଏବଂ ଆବଶ୍ୟକ ପରିମାଣ ରେ ପଟାଶ ସାର ପ୍ରୟୋଗ କରନ୍ତୁ।

ଆକ୍ରାନ୍ତ ଜମି ରେ କାରବେନଡାଜିମ ୦.୦ ମାଙ୍କୋଜେବ+କିମ୍ବା କାର୍ବେଣ୍ଡାଜିମ %୧୫.୧ସିଞ୍ଚନ କରନ୍ତୁ %।

## ଡାଲି ଫସଲରେ ସାହେବୀ ରୋଗ

ଜମି ରେ କମ ଗଛ ଆକ୍ରାନ୍ତ ହେଇଥିଲେ ରୋଗାକ୍ରାନ୍ତ ଗଛ ଗୁଡିକୁ ଓପାଡି ନଷ୍ଟ କରିଦିଅନ୍ତୁ।

ଅଧିକ ଗଛ ଆକ୍ରାନ୍ତ ହୋଇଥିଲେ ବାହକ କୀଟର ଦମନ ପାଇଁ ଏସିଟାମିପ୍ରିଡ ୩ ଗ୍ରାମ ପ୍ରତି ୧୦ ଲିଟର ପାଣିରେ ମିଶାଇ ଫସଲ ରେ ସିଞ୍ଚନ କରନ୍ତୁ।

ଜମିରେ ହଳଦିଆ ଅଠାଯୁକ୍ତ ଜନ୍ତା ୮ଟା ପ୍ରତି ଏକର ସ୍ଥାପନ କରନ୍ତୁ।

## ଡାଲି ଫସଲର  ପାଉଁଶିଆ ରୋଗ

ଆକ୍ରାନ୍ତ ଫସଲରେ ୱେଟେବଲ ସଲଫର ୦ଲିଟର ସିଞ୍ଚନ କରନ୍ତୁ ୪/ମିଲି ୧ କିମ୍ବା ଟ୍ରାଇଡେମେଫୋନ %୪. ।

## ସୋରିଷ ଓ ଚିନାବାଦମରେ  ପତ୍ରଦାଗ ରୋଗ

ଆକ୍ରାନ୍ତ ଫସଲରେ ମଙ୍କୋଜେବ ୦ %୪.କିମ୍ବା କର୍ବେଣ୍ଡାଜିମ.୦ ମଙ୍କୋଜେବ+୨ ଗ୍ରାମ୍ କୁ ୧୦ ଦିନ ଏକାନ୍ତରରେ ସିଞ୍ଚନ କରନ୍ତୁ।

## କୃଷି ଉପଦେଶ

### କ. କ୍ଷେତ ଫସଲ

- ଜମି ଓ ହୁଡା ରୁ ଅନାବନା ଗଛ ବାଛି ସଫା କରିଦିଅନ୍ତୁ |
- ଜମିରେ କମ ଗଛ ଆକ୍ରାନ୍ତ ହୋଇଥିଲେ ରୋଗାକ୍ରାନ୍ତ ଗଛ ଗୁଡିକୁ ଓପାଡି ନଷ୍ଟ କରିଦିଅନ୍ତୁ |

**ଡାଲୁଅ ଧାନ**

**ମୂଖ୍ୟ କିଆରୀର ଯତ୍ନ**

**କ. ଆଜୋଲା**

- ଧାନ ରଆ ସରିଥିଲେ, ଏହାର 7 ଦିନ ପରେ ଏକର ପ୍ରତି 4 କ୍ୱିଣ୍ଟାଲ ଆଜୋଲା ଜମିରେ ଛାଡିଦିଅନ୍ତୁ । 3 ସପ୍ତାହ ପରେ ଜମିରୁ ପାଣି କାଟି ଜାପାନିଜ୍ ଉଅଡର ସାହାଯ୍ୟରେ ଆଜୋଲାକୁ ମାଟିରେ ମିଶାଇ ଦିଅନ୍ତୁ ।

**ଖ. ନୀଳହରିତ ଶୈବାଳ (ବି.ଜି.ଏ)**

- ଧାନ ରଆର 7 ଦିନ ମଧ୍ୟରେ ଏକରକୁ 6 କିଗ୍ରା ହିସାବରେ ବି.ଜି.ଏ ପ୍ରୟୋଗ କରନ୍ତୁ । 50 କିଗ୍ରା ସୁପର ଫସଫେଟ୍ ସାର ପ୍ରୟୋଗ କରନ୍ତୁ।

ଜମିରୁ ପାଣି ଶୁଖିବା ପାଇଁ ଦିଅନ୍ତୁ ନାହିଁ । ବି.ଜି.ଏ ପଡିଥିବା ଜମିରେ ସାଧାରଣତଃ ଏକର ପ୍ରତି ପ୍ରାୟ 10 କିଗ୍ରା ହିସାବରେ ଯବକ୍ଷାରଜାନ ଫସଲକୁ ମିଳିଥାଏ ।

- ବର୍ତ୍ତମାନ ଦିନର ତାପମାତ୍ରା ବଢିବାର ସମ୍ଭାବନା ଥିବାରୁ ମୁଖ୍ୟ କିଆରୀରେ କାଣ୍ଡବିନ୍ଧା ପୋକର ପ୍ରଜାପତି ଅଣ୍ଡା ଦେବା ଆରମ୍ଭ କରିବେ । ତେଣୁ ପ୍ରଜାପତି ଧରିବା ପାଇଁ ଏକର ପ୍ରତି 4 ଗୋଟି ଫେରୋମାନ ଯନ୍ତା ବସାନ୍ତୁ ।
- ଦିନ ଓ ରାତିର ତାପମାତ୍ରାରେ ତାରତମ୍ୟ ଅଧିକ ରହିବା ଯୋଗୁଁ ମୁଖ୍ୟ କୀଆରୀରେ ମହିଷା ରୋଗ ଲାଗିବାର ସମ୍ଭାବନା ଅଛି । ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ 0.6 ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ ।
- ମାଟିଆ ଗୁଣ୍ଡି ପୋକ ଉପଦୃତ ଅଞ୍ଚଳରେ 1 ମିଟର ଓସାର ପଟିରେ ଧାନ ରଅନ୍ତୁ । ଦୁଇପଟି ମଝିରେ 30 ସେମି ବ୍ୟବଧାନ ରଖନ୍ତୁ ।

## ତଳି ରଆ

- ❖ ଧାନ ତଳି 4 ରୁ 5 ପତ୍ରର ହୋଇଗଲେ ରଆକାମ କରନ୍ତୁ |
- ❖ ବର୍ଷା ଯୋଗୁଁ ଜମିରେ ପାଣି ହୋଇଯାଇଥି ଓ  ତଳି 3 ରୁ 4 ସପ୍ତାହର ହୋଇଗଲେ ତଳି ରଆ କାମ କରନ୍ତୁ |
- ❖ ମୁଖ୍ୟ କିଆରୀକୁ ପ୍ରଥମେ 3 ରୁ 4 ଓଡ଼ ଚାଷ କରି ପାଣି ବାନ୍ଧି ରଖନ୍ତୁ | ରୋଇବା ଦିନ ଜମିରୁ ପାଣି ନିଷ୍କାସନ କରି ଜମିକୁ କାଦୁଅ କରନ୍ତୁ |
- ❖ ସବୁଜ ସାର ପାଇଁ ଆଜୋଲା ବଢ଼ାଇ ଥିଲେ  କାଦୁଅ ବେଳେ ହଳ କରି ମାଟିରେ ମିଶାଇ ଦିଅନ୍ତୁ |
- ❖ ଏକର ପ୍ରତି 2 କିଗ୍ରା ଆଜୋଟୋବ୍ୟାକ୍ଟର ବା ଆଜୋସ୍ପିରିଲମ୍ ସହିତ 2 କିଗ୍ରା ପି. ଏସ୍. ବି ଖତ ସହିତ ମିଶାଇ ରୋଇବା ପୂର୍ବରୁ ଜମିରେ ପ୍ରୟୋଗ କରନ୍ତୁ |
- ❖ ଶେଷ ଓଡ଼ କାଦୁଅରେ ଏକର ପ୍ରତି 12 ରୁ 16 କିଗ୍ରା ଫସଫରସ୍ ଓ 12 ରୁ 16 କିଗ୍ରା ପଟାସ୍ ସାର ସହିତ ଅଧା (6 ରୁ 8 କିଗ୍ରା) ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ |
- ❖ ତଳିଘରାରେ ଦାନାଦାର ଔଷଧ ପ୍ରୟୋଗ କରିନଥିଲେ 1 ମିଲି କ୍ଲୋରୋପାଇରିଫସ୍ ଔଷଧକୁ 1 ଲିଟର ପାଣିରେ ଗୋଳାଇ ତଳି ଚେ଼ରକୁ 8 ରୁ 10 ଘଣ୍ଟା ବୁଡ଼ାଇ ବିଶୋଧନ କରନ୍ତୁ |
- ❖ ଧାଡ଼ିକୁ ଧାଡ଼ି 15 -20 ସେମି ଓ ବୁଦାକୁ ବିଦା 10 ସେମି ବ୍ୟବଧାନ ରଖି ତଳି ରଅନ୍ତୁ | ବୁଦା ପ୍ରତି 2-3ଟି କରି ତଳି ସିଧା ଓ ଅଗଭୀରରେ ରଅନ୍ତୁ |
- ❖ ରଆ ପରେ ଜମିରେ ଚୁପୁଚୁପିଆ ପାଣି ରଖନ୍ତୁ |

## ସଘନ ଧାନ ଚାଷ ପଦ୍ଧତି ‘ଶ୍ରୀ’

## ତଳି ରଆ

- ➢ ଶେଷଓଡ ଚାଷ ସମୟରେ ଏକର ପିଛା 4 ଟନ୍ ଖତ ପ୍ରୟୋଗ କରନ୍ତୁ ।କୌଣସି ରାସାୟନିକ ସାର ପ୍ରୟୋଗ କରିବା ଉଚିତ ନୁହେଁ । ତେବେ ଖତର ଅଭାବ ଯବକ୍ଷାରଜାନ, ଫସଫରସ୍ ଓ ପଟାସ୍ ସାର 2-1-1 ହିସାବରେ ମୂଳସାର ଭାବେ ପ୍ରୟୋଗ କରନ୍ତୁ ।
- ➢ ପ୍ରତି 2.25 ମିଟର ବ୍ୟବଧାନରେ 30 ସେମି ର ଏକ ନାଳ କରନ୍ତୁ । ଧାଡିକୁ ଧାଡି 25 ସେମି ଓ ଗଛକୁ ଗଛ 25 ସେମି ବ୍ୟବଧାନରେ ତଳି ରଅନ୍ତୁ । ଏଥିପାଇଁ 25 ସେମି ବ୍ୟବଧାନରେ 5 ଟି ଦାନ୍ତ ଥିବା ଏକ କାଠ ବ୍ୟବହାର କରନ୍ତୁ । ପ୍ରଥମେ ସିଧା ଅଗଭୀର ଗାର ଟାଣନ୍ତୁ ଏବଂ ତାପରେ ସମକୋଣରେ ଗାର କାଟନ୍ତୁ । ଯେପରିକି ମିଟର ପ୍ରତି 25 x 25 ସେମିରେ 16 ଟି ବର୍ଗକ୍ଷେତ୍ର ଚିହ୍ନଟ ହୋଇପାରିବ ।
- ➢ ପ୍ରତ୍ୟେକ ସ୍ଥାନରେ ଗୋଟିଏ ଲେଖାଏଁ ତଳି ରଅନ୍ତୁ । ତଳି ପଟିରୁ ତଳି ବାହାର କରିବାର 15 ରୁ 30 ମିନିଟି ଭିତରେ ରଅନ୍ତୁ ।
- ➢ ରୋଇବାବେଳେ ତଳିର ଚେରର ଅଗ୍ରଭାଗଟି ଯେପରି ମୋଡି ନଯାଏ, ସେଥିପ୍ରତି ଧ୍ୟାନ ଦେବାକୁ ହୋଇଥାଏ ।

### ଆଖୁଚାଷ

- ➢ ବର୍ତ୍ତମାନ ଠାରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ଆଖୁ ଲଗାଯାଇପାରିବ | ନିମ୍ନଲିଖିତ ଅନୁମୋଦିତ କିସମ ଲଗାନ୍ତୁ |

### ବିହନ ନିର୍ବାଚନ

1. ଆଠ ମାସିଆ ରୋଗ ପୋକ ଲାଗିନଥିବା ଆଖୁ ବିହବ ପାଇଁ ସଂଗ୍ରହ କରନ୍ତୁ |
2. ଯଦି ଆଖୁ ଫସଲ 8 ମାସରୁ ଅଧିକ ହୋଇଥାଏ , ତେବେ, ଆଖୁ ଗଛର ଦୁଇ –ତୃତୀୟାଂଶକୁ ବିହନ ପାଇଁ ବ୍ୟବହାର କରନ୍ତୁ |
3. ସଅଳ କିସମ (10 ମାସ)-ସିଓ- 607, ସିଓ 6907, ସିଓ 7508, ସିଓ 87263, ସିଓ 89085 ଓ ସିଓ 90017

**ମଧ୍ୟମ –ବିଳମ୍ବ କିସମ**- ସିଓ 7219, ସିଓ 87044 (ଉତ୍ତରା), ସିଓ 86032 (ନୟନା), ସିଓ 62175, ସିଓ 740 ଓ ସିଓ 8021

**ବିହନ ବିଶୋଧନ**

- ➢ 100 ଲିଟର ପାଣିରେ 150ଗ୍ରାମ୍ ବାଭିଷ୍ଟନ୍ 200 ମିଲି କ୍ଲୋରୋପାଇରିଫସ୍, କିମ୍ବା 150 ମି.ଲି. ଇମିଡାକ୍ଲୋପ୍ରିଡ୍ 17.8 ଏସ୍. ଏଲ୍. ଓ 1

କିଗ୍ରା ୟୁରିଆ କୁ ମିଶାଇ ଏକ ଦ୍ରବଣ ପ୍ରସ୍ତୁତ ଦ୍ରବଣ ପ୍ରସ୍ତୁତ କରନ୍ତୁ । ବିହନକୁ ଏହି ଦ୍ରବଣରେ 15 ରୁ 30 ମିନିଟ୍ ପର୍ଯ୍ୟନ୍ତ ବୁଡାଇ ରଖନ୍ତୁ । ତା ପରେ ବିହନକୁ ବାହାର କରି ଜମିରେ ଲଗାନ୍ତୁ । ଏହାଦ୍ୱାରା ଆଖୁରେ ନାଲି ସଢା ରୋଗ ହେବ ନାହିଁ । ଏବଂ ଭଲ ଗଜା ମଧ ହେବ ।

**ମନ୍ଦା ପ୍ରଣାଳୀରେ ଆଖୁ ଚାଷ**

- ମନ୍ଦା ପ୍ରଣାଳୀରେ ଆଖୁ ଚାଷ ନିଗିଡା, ନିଶ୍ଚିତ ଜଳସେଚିତ ମଧମ କିସମ ଜମିରେ କରନ୍ତୁ ।
- ଏକ ଫୁଟ ଲମ୍ବ, ଏକ ଫୁଟ ଓସାର ଓ ଏକ ଫୁଟ ଗଭୀରର ମନ୍ଦା ଖୋଳନ୍ତୁ । ମନ୍ଦାକୁ ମନ୍ଦା ଅଢେଇ ଫୁଟ ଓ ଧାଡିକୁ ଧାଡି ତିନି ଫୁଟ ବ୍ୟବଧାନ ରଖନ୍ତୁ । ଡେରିରେ ଲଗାଇଲେ (ମାର୍ଚ୍ଚ ମାସ ପରେ) ବ୍ୟବଧାନ କମ୍ କରନ୍ତୁ ।
- ପ୍ରତି ମନ୍ଦାର ଅଧା ପର୍ଯ୍ୟନ୍ତ ଖତ ଓ ଗୁଣ୍ଡ ମାଟିର ମିଶ୍ରଣରେ ପୂରଣ କରନ୍ତୁ । ପ୍ରତି ମନ୍ଦାରେ 15 ଗ୍ରାମ୍ ଡିଏପି ସାର ମୂଳ ସାର ହିସାବରେ ପ୍ରୟୋଗ କରି ମାଟିରେ ଭଲ ଭାବରେ ମିଶାଇ ଦିଅନ୍ତୁ ।
- ପ୍ରତି ମନ୍ଦାରେ ତିନୋଟି କରି ଏକ ଆଖି ବିଶିଷ୍ଟ ଆଖୁଟଦଜକ ଖଣ୍ଡ ଲଗାଇ ଅଳ୍ପ ମାଟି ଘୋଡାଇ ଝରା ସାହାଯ୍ୟରେ ସିଞ୍ଚା ପାଣି ଦିଅନ୍ତୁ ।
- ସୁବିଧା ଥିଲେ ତଳିଘରାରେ ପ୍ରସ୍ତୁତ ଆଖୁଚାରା ମଧ ବ୍ୟବହାର କରିପାରିବେ ।
- ଉଇ ଆକ୍ରମଣରୁ ରକ୍ଷା ପାଇଁ ଗୁଣ୍ଡ କିମ୍ବା ତରଳ କ୍ଲୋରୋପାଇରିଫସ (1.5 ଡି. କିମ୍ବା 20 ଇ.ସି.) ଏକର ପ୍ରତି 10 କିଗ୍ରା କିମ୍ବା 400 ମିଲି. ପ୍ରୟୋଗ କରନ୍ତୁ ।
- ମନ୍ଦାରେ ମଡା ପାଣି ନ ଦେଇ ସିଞ୍ଚାପାଣି ଦିଅନ୍ତୁ ।
- 30 ରୁ 45 ଦିନ ମଧରେ ଘାସ ବାଛି ମନ୍ଦା ପିଛା 15 ଗ୍ରାମ୍ ୟୁରିଆ ଓ 10 ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।
- ସେହିପରି 60 ଦିନରେ ଓ 100 ଦିନରେ ମନ୍ଦାପିଛା 10 ଗ୍ରାମ୍ ଲେଖାଏଁ ୟୁରିଆ ପ୍ରୟୋଗ କରନ୍ତୁ ।
- ଶେଷ ଥର ସାର ପ୍ରୟୋଗ ପରେ ସମସ୍ତ ମନ୍ଦାକୁ ମାଟିଦ୍ୱାରା ଘୋଡାଇ ଦିଅନ୍ତୁ ।

**ମନ୍ଦାଚାଷର ଉପକାର**

- ଏହି ପ୍ରଣାଳୀରେ ଆଖୁ ଲଗାଇଲେ ସମ୍ପୁର୍ଣ ଜମିକୁ ଚାଷ କରିବାକୁ ପଡେ ନାହିଁ ।
- ସାଧାରଣ ପ୍ରଣାଳୀରେ ଏକର ପ୍ରତି 4 ଟନ୍ ବିହନ ଲାଗୁଥିବା ବେଳେ ଏହି ପଦ୍ଧତିରେ 1 ଟନ୍ ଲାଗେ ।
- ପ୍ରାୟ 90 ପ୍ରତିଶତ ଗଜା ବାହାରେ ।
- ସାଧରଣ ପଦ୍ଧତିରେ ଚାଷ କଲେ ଏକର ପ୍ରତି 60 ଟନ୍ ପର୍ଯ୍ୟନ୍ତ ଅମଳ ମିଳି ପାରିବ ।
- ଦୁଇ ଥରରୁ ଅଧିକ ଥର ମୂଳି ଫସଲ ନିଆଯାଇପାରିବ ।

## ମାଣ୍ଡିଆ

- ଅନୁମୋଦିତ ଅଧିକ ଅମଳକ୍ଷମ କିସମ ଯଥା ଦିବ୍ୟସିଂହ, ନୀଳାଚଳ, ଗୋଦାବରୀ, ଶୁଭ୍ରା ଓ ଚିଲିକା ଆଦି ଚୟନ କରନ୍ତୁ ।
- ଏକର ପ୍ରତି 4 କିଗ୍ରା ବିହନକୁ ତଲଘରାରେ ବର୍ଗମିଟର ପ୍ରତି 2 କିଗ୍ରା ସଢା ଗୋବର ଖତ ସହିତ 10 ଗ୍ରାମ୍ ହିସାବରେ ଯବକ୍ଷାରଜାନ ଫସଫରସ ଓ ପଟାସ ସାର ପ୍ରୟୋଗ କରି ଧାଡିକୁ ଧାଡି 10 ସେମି ବ୍ୟବଧାନରେ ବୁଣନ୍ତୁ ।
- ବୁଣିବା ପୂର୍ବରୁ ବିହନକୁ କିଗ୍ରା ପ୍ରତି 3 ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରନ୍ତୁ ।
- 3 ସପ୍ତାହର ତଳିକୁ ଧାଡିକୁ ଧାଡି 20 ସେମି ଓ ଗଛକୁ ଗଛ 10 ସେମି ବ୍ୟବଧାନରେ ରଥନ୍ତୁ ।
- ମାଟି ପରୀକ୍ଷା ପାଇଁ ଅନୁମୋଦନ ଭିତ୍ତିକ ସାର ପ୍ରୟୋଗ କରନ୍ତୁ । ମାଟି ପରୀକ୍ଷା ହୋଇ ନଥିଲେ ଏକର ପ୍ରତି 24 12 12 (ମଧମ କିସମ) ଓ 16 12 10 (ସଆଳ କିସମ) ଅନୁପାତରେ ଯବକ୍ଷାରଜାନ ଫସଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ ।
- ରୋଇବା ସମୟରେ ଅଧା ଯବକ୍ଷାରଜାନ ସାରକୁ ରୋଇବାର 3 ସପ୍ତାହ ପରେ କୋଡାଖୁସା କରି ପ୍ରୟୋଗ କରନ୍ତୁ ।
- 3 ସପ୍ତାହ ମାଣ୍ଡିଆ ତଳିକୁ ଧାଡିକୁ ଧାଡି 20 ସେମି ଓ ଗଛକୁ ଗଛ 10 ସେମି ବ୍ୟବଧାନରେ ରଥନ୍ତୁ ।
- ମାଟି ପରୀକ୍ଷା ପାଇଁ ଅନୁମୋଦନ ଭିତ୍ତିକ ସାର ପ୍ରୟୋଗ କରନ୍ତୁ । ମାଟି ପରୀକ୍ଷା ହୋଇ ନଥିଲେ ଏକର ପ୍ରତି 24 12 12 (ମଧମ କିସମ) ଓ 16 12 10 (ସଅଳ କିସମ) ଅନୁପାତରେ ଯବକ୍ଷାରଜାନ ଫସଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ ।
- ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହିତ ସମସ୍ତ ଫସଫରସ ଓ ପଟାସ ପ୍ରୟୋଗ କରନ୍ତୁ ।
- ଅବଶିଷ୍ଟ 50 ଭାଗ ଯବକ୍ଷାରଜାନ ସାରକୁ ରୋଇବାର 3 ସପ୍ତାହ ପରେ କୋଡୋଖୁସା କରି ପ୍ରୟୋଗ କରନ୍ତୁ ।

## ଗହମ

- ଗହମ ଲଗାଇବାର ମାସେ ହୋଇଯାଇଥିଲେ ଦ୍ୱିବୀଜ ପତ୍ରି ଘାସ ମାରିବା ପାଇଁ ଏକର ପିଛା 0.75 କିଗ୍ରା ଏ. ଆଇ 2-4, ଡି କିମ୍ବା 1.5 ରୁ

2.5 କିଗ୍ରା ମେଟାସଲଫୁରାନ୍ 200 ଲିଟର ପାଣିରେ ସିଞ୍ଚନ କରନ୍ତୁ ।

- କିଆରୀରେ ଉଇ ଜନିତ ଝାଉଁଳା ଗଛ ଦେଖାଦେଲେ ବାରମ୍ବାର ଜଳସେଚନ କରନ୍ତୁ ଏବଂ ଆକ୍ରାନ୍ତ ସ୍ଥାନ ଗୁଡିକରେ 4 ମିଲି କ୍ଲୋରୋପାଇରିଫସ୍ 20 ଇସି ପ୍ରତି ଲିଟର ପାଣିରେ ଗୋଳାଇ ମାଟିକୁ ଭଲ ଭାବରେ ଭିଜାଇ ଦିଅନ୍ତୁ ନଚେତ୍ ଏକର ପ୍ରତି 10 କିଗ୍ରା କ୍ଲୋରପାଇରଫସ୍ ଗୁଣ୍ଡକୁ ଏକ ଅଖାରେ ରଖି କିଆରୀକୁ ପାଣି ପଶୁଥିବା ସ୍ଥାନରେ ବାନ୍ଧି ଦିଅନ୍ତୁ ।
- ଗହମ 5 ସପ୍ତାହର ହୋଇଯାଇଥିଲେ ଉପକୂଳବର୍ତ୍ତୀ ଜିଲ୍ଲାରେ ଏକର ପ୍ରତି 8 କିଗ୍ରା ଆଭ୍ୟନ୍ତରୀଣ ଜିଲ୍ଲାରେ 10 କିଗ୍ରା ଯବକ୍ଷାରଜାନ ଦ୍ୱିତୀୟ ଶୀର୍ଷ ସାର ରୁପେ ପ୍ରୟୋଗ କରନ୍ତୁ ।
- କାଣ୍ଡ ବିନ୍ଧା ପୋକର ଆକ୍ରମଣ ଦେଖାଦେଲେ ଏକର ପ୍ରତି 400 ମିଲି କିମ୍ବା ପ୍ରୋଫେନୋଫସ କିମ୍ବା ଫିପ୍ରୋନିଲ୍ 5 ଏଫ.ଏସ୍ , ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ରାଶି

- ଫେବୃଆରୀ ରୁ ମାର୍ଚ୍ଚ ମାସ ରାଶି ଲଗାଇବା ପାଇଁ ଉପଯୁକ୍ତ । ଏପରି କଲେ ଅମଳ ବେଳେ ଅଦିନିା ବର୍ଷା ଯୋଗୁଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ନାହିଁ । ନିମ୍ନଲିଖିତ ଅଧିକ ଅମଳକ୍ଷମ ଉନ୍ନତ ବିହନ କିସମ ସଂଗ୍ରହ କରନ୍ତୁ ।

| ବିହନ | ରଙ୍ଗ | ଅମଳ ସମୟ (ଦିନରେ) | ଅମଳ କ୍ଷମତା (ଏକର ପ୍ରତି କୁଇଣ୍ଟାଲରେ) |
|---|---|---|---|
| ଉମା | ଈଷତ୍ ଧଳା | 70 | 4.0 |
| କାଳିକା | କଳା | 80-85 | 4.0 |
| ନିରମଳା | ଧଳା | 70-75 | 4.0-4.5 |
| ପ୍ରାଚୀ | କଳା | 75-80 | 4.5-6.0 |
| ଉଷା | ବିସ୍କୁଟ୍ ରଙ୍ଗ | 70-75 | 4-5 |

- ଜମିକୁ ପଟାଳୀ ରେ ବିଭକ୍ତ କରି ଜମି ପ୍ରସ୍ତୁତ କରନ୍ତୁ, ଯାହା ଦ୍ୱାରା ଖରାଦିନିଆ ଚାଷ ପାଇଁ ପାଣି ମଡାଇବା ସୁବିଧାଜନକ ହେବ ।

## ଖ. ଉଦ୍ୟାନ ଫସଲ

## ପନିପରିବା

### ତଳିଘରା

- ତଳିଘରାରେ ଘରାକଟା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ୍ ୮% + ମାନକୋଜେବ୍ ୬୪% କିମ୍ବା ୧ ଗ୍ରାମ୍ କ୍ୟାପ୍ଟାନ୍ ୭୦% + ହେକ୍ସାକୋନାଜୋଲ୍ ୫% ଡବ୍ଲୁ.ପି. ମିଶାଇ ତଳିଘରାରେ ପ୍ରୟୋଗ କରନ୍ତୁ|

## କୋବି ଜାତୀୟ ଫସଲ

- ଯେଉଁ ଫୁଲକୋବିର ଫୁଲ ଅମଳ ହୋଇଯିବା ଆକାରର ହୋଇଯାଇଛି ତାହାକୁ ଅମଳ କରିଦିଅନ୍ତୁ |
- ବନ୍ଧାକୋବି, ଫୁଲକୋବି, ଓଲୋକୋବି ଆଦି ଫସଲରେ ପତ୍ରଖିଆ ପୋକ ଲାଗିବାର ସମ୍ଭାବନା ରହିଛି | ଏହି ପୋକର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ଫିପ୍ରୋନିଲ୍ ୫% ଏସ୍.ସି. କିମ୍ବା ୧.୫ ଗ୍ରାମ୍ କାରଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦% ଏସ୍.ପି. କିମ୍ବା ୦.୪ ମି.ଲି. ସ୍ପିନୋସାଡ୍ ୪୫% ଏସ୍.ସି. କିମ୍ବା ୦.୪ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫% ଏସ୍.ସି. ମିଶାଇ ଏକର ପ୍ରତି ୨୦୦ ଲିଟର କୀଟନାଶକ ମିଶ୍ରଣ ସିଞ୍ଚନ କରନ୍ତୁ |
- କୋବି ଫସଲରେ କଳାସଢ଼ା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨.୫ ମି.ଲି. କାସୁଗାମାଇସିନ୍ ୩% ଏସ୍.ଏଲ୍. ମିଶାଇ ଏକର ପ୍ରତି ୨୦୦ ଲିଟର ଫିମ୍ପିନାଶକ ମିଶ୍ରଣ ସିଞ୍ଚନ କରନ୍ତୁ |
- କୋବି ଫସଲରେ ପତ୍ରପୋଡ଼ା ଜନିତ ରୋଗ ଦେଖାଦେଲେ କ୍ଲୋରୋଥାଲୋନିଲ୍ ୭୫% ଡବ୍ଲୁ.ପି. ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଏକର ପ୍ରତି ୨୦୦ ଲିଟର ଫିମ୍ପିନାଶକ ଦ୍ରବଣ ସିଞ୍ଚନ କରନ୍ତୁ |

## ବାଇଗଣ / ବିଲାତି ବାଇଗଣ

- ବାଇଗଣ ଓ ବିଲାତି ବାଇଗଣର ଝାଉଁଳା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ + ୩ ଗ୍ରାମ୍ କପର ଅକ୍ସି କ୍ଲୋରାଇଡ୍ ମିଶାଇ ଏକର ପ୍ରତି ୨୦୦ ଲିଟର ଘୋଳ ମୂଳକୁ ସିଞ୍ଚନ କରନ୍ତୁ |

- ବାଇଗଣ ଫସଲରେ ଫଳପଚା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୧୨% + ମାନକୋଜେବ୍ ୬୩% ଡବ୍ଲ୍ୟୁପି. ମିଶାଇ ଏକର ପ୍ରତି ୨୦୦ ଲିଟର ଫିମ୍ପିନାଶକ ମିଶ୍ରଣ ସିଞ୍ଚନ କରନ୍ତୁ |

**ଲଙ୍କାମରିଚ**

- ଲଙ୍କା ମରିଚ ଫସଲରେ ଉତ୍ତାପ ବୃଦ୍ଧି ପାଇଲେ ଥ୍ରିପସ୍ ଓ ଅଷ୍ଟପଦୀ ଲାଗିବାର ସମ୍ଭାବନା ରହିଛି | ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୦.୩ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୨ ମି.ଲି ଫେନପାଇରୋକ୍ସିମେଟ୍ ୫% ଇ.ସି. କିମ୍ବା ୧ ମି.ଲି. ଆବାମେକ୍ଟିନ୍ ୧.୯% ଇ.ସି. କିମ୍ବା ୧ ମି.ଲି. ସ୍ପାଇରୋମେସିଫେନ୍ ୨୨.୯% ଏସ୍.ସି. ମିଶାଇ ଏକର ପ୍ରତି ୨୦୦ ଲିଟର ଘୋଳ ସିଞ୍ଚନ କରନ୍ତୁ |

**ବିନ୍ / ଶିମ୍ବ**

- ସର୍କୋସ୍ପୋରା ଜନିତ ପତ୍ରପୋଡା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୧ ମି.ଲି. ଡାଇଫେନୋକୋନାଜୋଲ୍ ୨୫% ଇ.ସି. କିମ୍ବା ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୧୨% + ମାନକୋଜେବ୍ ୬୩% ଡବ୍ଲ୍ୟୁପି. ମିଶାଇ ଏକର ପ୍ରତି ୨୦୦ ଲିଟର ମିଶ୍ରଣ ସିଞ୍ଚନ କରନ୍ତୁ |

**ଆଳୁ**

- ଆଳୁରେ ସହଳ ପତ୍ରଦାଗ ରୋଗ ଦେଖାଦେଲେ ମାଙ୍କୋଜେବ୍ ୭୫% ଡବ୍ଲ୍ୟୁପି. ଏକ ଲିଟର ପାଣିରେ ୨ ଗ୍ରାମ୍ ଲେଖାଏଁ ମିଶାଇ ଏକର ପ୍ରତି ୨୦୦ ଲିଟର ଦ୍ରବଣ ସିଞ୍ଚନ କରନ୍ତୁ |

**କୋଶଳା ଶାଗ**

- ଜଳସେଚନର ସୁବିଧା ଥିଲେ ଡିପ କିମ୍ବା ମଝିଆଳି ଜମିରେ ଧାନ କିମ୍ବା ଅଣଧାନ ଫସଲ ପରେ କୋଶଳା ଶାଗ ଲଗାଇବା ପାଇଁ ଜମି ପ୍ରସ୍ତୁତ କରି ଶୀଘ୍ର ବୁଣିବା କାମ ଶେଷ କରନ୍ତୁ | ଶାଗ ଦୁଇ ପ୍ରକାରର ଯଥା ଧଳା ଓ ନାଲି |
- 5 ଫୁଟ ଲମ୍ବ ଓ 4 ଫୁଟ ଓସାରର ଛୋଟ ଛୋଟ ପଟାଳୀ କରି ତାର ଚାରିପଟେ ହୁଡା ଟେକି ଦିଅନ୍ତୁ |
- ମାଟିକୁ ଭଲ ଭାବରେ ହାଣି, ଗୁଣ୍ଡ କରି ଅନାବନା ଘାସ ସବୁ ବାଛି ପ୍ରତ୍ୟେକ ପଟାଳୀରେ ଟୋକେଇଏ କିମ୍ବା ଦୁଇ ଟୋକେଇ ସଢା ଗୋବର ଖତ ମିଶାଇ ଦିଅନ୍ତୁ |
- ମଞ୍ଜି ଗୁଡିକ ଛୋଟ ଛୋଟ ହୋଇଥିବାରୁ ରଗଡା  ବାଲି ସହ ମିଶାଇ ଯତ୍ନ ସହକାରେ ପତଳୀ କରି ସବୁଆଡେ ସମାନ ଭାବରେ ବୁଣନ୍ତୁ |
- ମଞ୍ଜି ବୁଣିବା ପରେ ମାଟିକୁ ଟିକିଏ ହାତ ଏପଟେ ସେପଟ ଚଲାଇ ପଟାଳୀ କୁ ପାଳ କିମ୍ବା ନଡା ଦ୍ୱାରା ଘୋଡାଇ ପାଣି ଛିଞ୍ଚି ଦିଅନ୍ତୁ | ମଞ୍ଜି ଗଜା ହୋଇ ଆସିଲେ ନଡା ବାହାର କରି ଦିଅନ୍ତୁ |
- କିସମ ଅନୁଯାୟୀ ଏକର ପ୍ରତି 200 ରୁ 280 କିଗ୍ରା କୋଲାକୁ ବିହନ ରୂପେ ବ୍ୟବହାର କରନ୍ତୁ |
- ଜମିକୁ ଭଲଭାବେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ | ଏକର ପ୍ରତି 10 ଟନ୍ ସଢା ଗୋବର ଖତ ପ୍ରୟୋଗ କରନ୍ତୁ | ଶେଷ ଓଡ ଚାଷ ସମୟରେ ଏକର ପ୍ରତି 24 କିଗ୍ରା ଯବକ୍ଷାରଜାନ , 24 କି.ଗ୍ରା ଫସଫରସ୍ ଓ 24 କେଜି ପଟାସ ସାରକୁ ମୂଳ ସାର ଆକାରରେ ଧାଡିରେ ପ୍ରୟୋଗ କରନ୍ତୁ |
- ଧାଡିକୁ ଧାଡି 20 ଗଛକୁ  ଗଛ 8 ସେମି ବ୍ୟବଧାନ ରଖି ବିହନକୁ ଲଗାନ୍ତୁ | ବିହନ ଲଗାଇବା ପରେ ହାଲୁକା ଜଳସେଚନ କରନ୍ତୁ |

**ବିନ୍**

- ➢ ବର୍ତ୍ତମାନ ବିନ୍ ଲଗାଇବା ପାଇଁ ଜମି ପ୍ରସ୍ତୁତ କରି ଶୀଘ୍ର ଲଗାଇବା କାମ ଶେଷ କରନ୍ତୁ  | ବିନ୍ ଦୁଇ ପ୍ରକାରର ଯଥା-ବୁଦା ବିନ୍ ଓ ଲଟା ବିନ୍  | ଉନ୍ନତ ବିହନ କିସମ ଯଥା ଲଟା ବିନ୍- କେଣ୍ଟୁକୀ ୱଣ୍ଡର ଓ ବୁଦା ବିନ୍ – କଣ୍ଟେଣ୍ଡର ଓ ଅର୍କ କମଲ୍  |
- ➢ କିସମ ଅନୁଯାୟୀ ଏକର ପ୍ରତି 30-35 କିଗ୍ରା ବିହନ ଦରକାର ହୋଇଥାଏ  |
- ➢ ଜମିକୁ ଭଲଭାବେ ଗୁଣ୍ଡ ଚାଷ କରିଘାସ ବାଛି ଦିଅନ୍ତୁ  | ଏକର ପ୍ରତି 10 ଟନ୍ ସଢା ଗୋବର ଖତ ପ୍ରୟୋଗ କରନ୍ତୁ  | ଶେଷ ଓଡ ଚାଷ ସମୟରେ ଏକର ପ୍ରତି 10 କିଗ୍ରା ଯବକ୍ଷାରଜାନ, 30 କିଗ୍ରା ଫସଫରସ୍ ଓ 20 କେଜି ପଟାସ ସାରକୁ ମୂଳ ସାର ଆକାରରେ ଧାଡିରେ ପ୍ରୟୋଗ କରନ୍ତୁ  |
- ➢ ବୁଦା ବିନ୍ କୁ ଧାଡିକୁ ଧାଡି 40 ଗଛକୁ ଗଛ 20 ସେମି ଓ ଲଟା ବିନ୍ କୁ ଧାଡିକୁ ଧାଡି 50 ଗଛକୁ ଗଛ 30 ସେମି ବ୍ୟବଧାନ ରଖି ବିହନକୁ ଲଗାନ୍ତୁ  | ବିହନ ଲଗାଇବା ପରେ ହାଲୁକା ଜଳସେଚନ କରନ୍ତୁ  |

## ଗେଣ୍ଡୁ

- ଗେଣ୍ଡୁ ଫୁଲ ତୋଳିବା ପରେ ପ୍ରତି ୧୦ ଲିଟର ପାଣିରେ ଏକ ଗ୍ରାମ୍ ଆଲୁମିନିୟମ୍ ସଲଫେଟ୍ ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରନ୍ତୁ ।ସେହି ଦ୍ରବଣରେ ଗେଣ୍ଡୁଫୁଲକୁ ଅଧଘଣ୍ଟା ପର୍ଯ୍ୟନ୍ତ ବୁଡାଇ ରଖନ୍ତୁ । ପାଣିରୁ ଛାଣି ଫୁଲକୁ ଛାୟାଜାଲି କିମ୍ବା ପତଳା ଅଖା ଉପରେ ଶୁଖାଇ ଦିଅନ୍ତୁ । ପାଣି ଛାଡିଗଲା ପରେ ବାଉଁଶ ଝୁଡି କିମ୍ବା ପତଳା ଅଖାରେ ଭର୍ତ୍ତିକରି ବଜାରକୁ ପଠାନ୍ତୁ । ଏହାଦ୍ୱାରା ଫୁଲର ସତେଜତା ଅଧିକ ଦିନ ରହିବ ।
- କଢ଼ ଓ ଫୁଲଖିଆ ପୋକ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ମି.ଲି. କ୍ଲୋରପାଇରିଫସ୍ ୨୦% ଇ.ସି. କିମ୍ବା ୨ ମି.ଲି. କ୍ୱିନାଲଫସ୍ ୨୫% ଇ.ସି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦% ଇ.ସି. କିମ୍ବା ୨ ମି.ଲି ମନୋକ୍ରୋଟୋଫସ୍ ୩୬% ଏସ୍. ଏଲ୍. ମିଶାଇ ପତ୍ର ସିଞ୍ଚନ କରନ୍ତୁ ।
- ଅଷ୍ଟପଦୀ ପୋକ ଆକ୍ରମଣ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଫେନାଜାକ୍ୱିନ୍ ୧୦% ଇ.ସି. କିମ୍ବା ୨ ମି.ଲି. ଫେନପାଇରୋକ୍ସିମେଟ୍ ୫% ଇ.ସି. କିମ୍ବା ୨ ମି.ଲି. ପ୍ରୋପାରିଜାଇଟ୍ ୫୭% ଇ.ସି. ମିଶାଇ ସିଞ୍ଚନ କରନ୍ତୁ ।
- ସର୍ପିଳ ପତ୍ରସୁଡଙ୍ଗି ପୋକ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଫିପ୍ରୋନିଲ୍ ୫% ଏସ୍.ସି. କିମ୍ବା ୨ ମି.ଲି. କ୍ଲୋରପାଇରିଫସ୍ ୫୦% ଇ.ସି. + ସାଇପରମେଥ୍ରୀନ୍ ୫% ଇ.ସି. ମିଶାଇ ପତ୍ର ସିଞ୍ଚନ କରନ୍ତୁ ।
- ଘରାକଟା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ୍ ୮% + ମାନକୋଜେବ୍ ୬୪% କିମ୍ବା ୧ ଗ୍ରାମ୍ କ୍ୟାପ୍ଟାନ୍ ୭୦% + ହେକ୍ସାକୋନାଜୋଲ୍ ୫% ଡବ୍ଲୁ.ପି. ମିଶାଇ ତଳିଘରାରେ ପ୍ରୟୋଗ କରନ୍ତୁ ।
- ପତ୍ରଦାଗ ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୧୨% ମାନକୋଜେବ୍ ୬୩% ଡବ୍ଲୁ.ପି. ମିଶାଇ ଏକର ପ୍ରତି ୨୦୦ ଲିଟର ଫିମ୍ପିନାଶକ ମିଶ୍ରଣ ପତ୍ର ସିଞ୍ଚନ କରନ୍ତୁ ।
- କଢ଼ସଢା ଓ ଫୁଲପୋଡ଼ା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କ୍ଲୋରୋଥାଲୋନିଲ୍ ୭୫% ଡବ୍ଲୁ.ପି. କିମ୍ବା ୩ ଗ୍ରାମ୍ ଫେନାମିଡନ୍ ୧୦% + ମାନକୋଜେବ୍ ୫୦% ଡବ୍ଲୁ.ଡି.ଜି. ମିଶାଇ ସିଞ୍ଚନ କରନ୍ତୁ ।
- ପାଉଁଶିଆ ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୧ ମି.ଲି. ପେନ୍କୋନାଜୋଲ୍ ୧୦% ଇ.ସି. କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ୍ ୨୫% ଇ.ସି. କିମ୍ବା ୧ ଗ୍ରାମ୍ ଟେବୁକୋନାଜୋଲ୍ ୨୫.୯% ଇ.ସି. କିମ୍ବା ୪ ଗ୍ରାମ୍ ସଲଫର୍ ୮୦ % ଡବ୍ଲୁ.ପି. ମିଶାଇ ଏକର ପ୍ରତି ୨୦୦ ଲିଟର ଘୋଳ ମିଶ୍ରଣ ସିଞ୍ଚନ କରନ୍ତୁ ।
- ଆଗରୁ ଲଗାଯାଇଥିବା ଗେଣ୍ଡୁଗଛ 40 ଦିନର ହୋଇଯାଇଥିଲେ ଅଗଡାଳଗୁଡିକୁ ଛିଣ୍ଡାଇ ଦିଅନ୍ତୁ ।ତାପରେ ଏକର ପ୍ରତି 100 କିଗ୍ରା ୟୁରିଆ ସାର ସିଆରରେ ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ ।

## ଗୋଲାପ

- ଅଷ୍ଟପଦୀ ପୋକ ଆକ୍ରମଣ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଫେନପାଇରୋକ୍ସିମେଟ୍ ୫% ଇ.ସି. କିମ୍ବା ୨ ମି.ଲି. ପ୍ରୋପାରିଜାଇଟ୍ ୫୭% ଇ.ସି. ମିଶାଇ ସିଞ୍ଚନ କରନ୍ତୁ ।
- ଅଗସଢା ଓ କଳାଦାଗ ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦% ଡବ୍ଲୁ.ପି. ମିଶାଇ ପତ୍ର ସିଞ୍ଚନ କରନ୍ତୁ ।
- ପାଉଁଶିଆ ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୧ ମି.ଲି ପେନକୋନାଜୋଲ୍ ୧୦% ଇ.ସି. କିମ୍ବା ପ୍ରୋପିକୋନାଜଲ୍ ୨୫% ଇ.ସି. କିମ୍ବା ୧ ମି.ଲି. ଟେବୁକୋନାଜୋଲ୍ ୨୫.୯% ଇ.ସି. କିମ୍ବା ୪ ଗ୍ରାମ୍ ସଲଫର୍ ୮୦% ଡବ୍ଲୁ.ପି. ମିଶାଇ ମିଶ୍ରଣ ସିଞ୍ଚନ କରନ୍ତୁ ।

## ରବି ସୂର୍ଯ୍ୟମୁଖୀ-

- ଫୁଲ ଫୁଟିବା ଅବସ୍ଥାରେ ଜଳ ସେଚନ କରନ୍ତୁ ।
- ଏକ ସଫା କନା ଦ୍ୱାରା କୃତ୍ରିମ ଉପାୟରେ ପ୍ରତି ଫୁଲକୁ ପୋଛି ପରାଗ ସଙ୍ଗମ କରାଇ ଦିଅନ୍ତୁ ।

## ଖରାଟିଆ ସୂର୍ଯ୍ୟମୁଖୀ

- ବର୍ତ୍ତମାନ ତାପମାତ୍ରା ବଢୁଥିବାରୁ ଜାନୁଆରୀ 15 ତାରିଖ ସୁଦ୍ଧା ଖରାଟିଆ ସୂର୍ଯ୍ୟମୁଖୀ ଲଗାଇବା କାମ ଶେଷ କରନ୍ତୁ ।
- ଅନୁମୋଦିତ ଅଧିକ ଅମଳକ୍ଷମ କିମ୍ବା ସଙ୍କର ଜାତୀୟ ବିହନ ଚୟନ କରନ୍ତୁ । ଅଧିକ ଅମଳକ୍ଷମ କିସମ ମୋର୍ଡେନ୍, ଇସି 69874, ଇସି 68414, ଇସି 68415 ଓ ସଙ୍କର ଜାତୀୟ କିସମ ପି ଏ ସି 36, କେ ବି ଏସ୍,ଏଚ୍ 1, ଏମ୍ ଏସ୍ ଏଫ୍ 17, ଓ ଜ୍ୱାଳାମୁଖୀ
- ଏକର ପ୍ରତି ଅଧିକ ଅମଳକ୍ଷମ କିସମ ପାଇଁ 4 କିଗ୍ରା ଏବଂ ସଙ୍କର ଜାତୀୟ ପାଇଁ 2 କିଗ୍ରା ବିହନ ବ୍ୟବହାର କରନ୍ତୁ ।
- ଶେଷ ଓଡ ଚାଷ ସମୟରେ ଏକର ପ୍ରତି 2 ମେଟ୍ରିକ ଟନ୍ ସଢା ଗୋବର ଖତ ଦିଅନ୍ତୁ ।ଅଧିକ ଅମଳକ୍ଷମ କିସମ ପାଇଁ 6 କିଗ୍ରା ଯବକ୍ଷାରଜାନ, 16 କିଗ୍ରା ଫସଫରସ୍ ଓ 12 କିଗ୍ରା ପଟାସ ମୂଳ ସାର ହିସାବରେ ପ୍ରୟୋଗ କରନ୍ତୁ । ସଙ୍କର ଜାତୀୟ ପାଇଁ ଏହାର ଦୁଇ ଗୁଣ

ସାର ପ୍ରୟୋଗ କରନ୍ତୁ | ସିଙ୍ଗଲ ସୁପର ଫସଫେଟ୍ ସାର ପ୍ରୟୋଗ କଲେ ତୈଳ ଅମଳ ଅଧିକ ହୋଇଥାଏ |

- ଫସଲରେ ତୈଳ ଅଂଶ ବୃଦ୍ଧି ପାଇଁ ଏକର ପ୍ରତି 100 କିଗ୍ରା ଜିପସମ୍ ଓ 4 କିଗ୍ରା ବୋରକ୍ସ ଓ କିଛି ଖତ ମୂଳ ସାର କହିତ ମିଶାଇ ଦାଡିରେ 3 ଇଞ୍ଚ ଗଭୀରରେ ପ୍ରୟୋଗ କରନ୍ତୁ |
- ବୁଣିବା ପୂର୍ବରୁ ପ୍ରତି କିଲୋଗ୍ରାମ୍ ବିହନକୁ 2 ଗ୍ରାମ୍ ଗାର୍ବେଣ୍ଡାଜିମରେ ଗୋଳାଇ ବିହନ ବିଶୋଧନ କରନ୍ତୁ | ଝାଉଁଳା ରୋଗକୁ ଦୁରେଇବାପାଇଁ ପ୍ରତି କିଲୋଗ୍ରାମ୍ ବିହନକୁ 4 ଗ୍ରାମ୍ ଟ୍ରାଇକୋଡର୍ମା ଦ୍ୱାରା ବିହନ ଉପଚାର କରନ୍ତୁ |
- ଲଗାଇବା ପୂର୍ବରୁ ବିହନକୁ 10-12 ଘଣ୍ଟା ଭିଜାଇ ବୁଣିଲେ ଭଲ ଗଜା ହୋଇଥାଏ | ପାଣଇରୁ ଛାଣିବା ପରେ ଏକର ପ୍ରତି 600 ଗ୍ରାମ୍ ପିଏସବି ଜୈବିକ ସାର ବିହନ ମଞ୍ଜିରେ ଗୋଳାନ୍ତୁ |
- ଧାଡିକୁ ଧାଡି ବ୍ୟବଧାନ-ମଟାଳ ମାଟି 60 x 30 ସେମି ଓ ଦୋରସା ମାଟି 45 x 30 ସେମି
- ମଞ୍ଜି ଲଗାଇବା ପରଦିନ ଏକର ପ୍ରତି 1 କିଗ୍ରା ଆଲାକ୍ଲୋରକୁ 200 ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ | ଏହାଦ୍ୱାରା ଅନାବନା ଘାସ ନିୟନ୍ତ୍ରଣ ହୋଇଥାଏ |

**ରଜନୀଗନ୍ଧା**

- ଉଛୁର ପତ୍ରପୋଡା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ଫେନାମିଡନ୍ ୧୦% + ମାନକୋଜେବ୍ ୫୦% ଡବ୍ଲୁ.ଡି.ଜି. କିମ୍ବା ୨ ଗ୍ରାମ୍ ସାଇମୋକ୍ସାନିଲ୍ ୮% + ମାନକୋଜେବ୍ ୬୪% ଡବ୍ଲୁ.ପି. ମିଶାଇ ସିଞ୍ଚନ କରନ୍ତୁ |
- କାଣ୍ଡସଢ଼ା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୧୨% + ମାନକୋଜେବ୍ ୬୩% ଡବ୍ଲୁ.ପି. ମିଶାଇ ସିଞ୍ଚନ କରନ୍ତୁ |
- ଚେରଗଣ୍ଠି ସୁତ୍ରଜୀବ ଦେଖାଦେଲେ ଏକର ପ୍ରତି ୨୪ କି.ଗ୍ରା. କାର୍ବୋଫ୍ୟୁରାନ୍ ୩% ଜି. ପ୍ରୟୋଗ କରନ୍ତୁ |

**ମଲ୍ଲୀ**

ବର୍ତ୍ତମାନ ମଲ୍ଲୀ ଗଛକୁ କାଣ୍ଡ ଛାଣ୍ଟ କରିବାର ପ୍ରକୃଷ୍ଟ ସମୟ ।ଗଛର ପ୍ରତ୍ୟେକ ଡାଳକୁ ମାଟି ଉପରୁ 45 ରୁ 50 ସେମି ରଖି ଅବଶିଷ୍ଟ ଅଂଶକୁ କାଟି ଦିଅନ୍ତୁ । କାଣ୍ଡ ଛାଣ୍ଟ କରିବା ପରେ ପରେ କଟା ଅଂଶରେ ବୋଡ ମିକ୍ସଚର କିମ୍ବା ବ୍ଲାଇଟକ୍ସ-50ର ପ୍ରଲେପ ଲଗାନ୍ତୁ ।

**ସେବତୀ**

- ସେବତୀ ଗଛରେ ଫୁଲ ଆସିବା ଅବସ୍ଥାରେ ମୂଳରେ ପୁଆ ବାହାରିଲେ ସେଗୁଡିକୁ ବାହାର କରି ଦିଅନ୍ତୁ ଏବଂ ଫୁଲ ସରିବା ପରେ ବାହାରୁଥିବା ପୁଅ ଗୁଡ଼ିକୁ ମାଆ ଗଛ ରୁପେ ବ୍ୟବହାର ପାଇଁ ରଖନ୍ତୁ|
- ମେଘୁଆପାଗ ଯୋଗୁଁ ସେବତୀର ଜଉପୋକ ଲାଗୁବାର ଦେଖାଗଲେ, ଏହାର ଦମନ ପାଇଁଏକର ପ୍ରତି 400ମିଲି ମେଟାସିଷ୍ଟକ୍ସ କିମ୍ବା ଡାଇମେଥୋଏଟ୍ 200 ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

## ପିଆଜ

- ପିଆଜର ପତ୍ର ପାଡା ସହ ଆଞ୍ଚୁଡା ଦାଗ ଦେଖାଦେଲେ ପତ୍ର ଉକୁଣି ଲାଗିବାର ଜଣାଯାଏ | ଏହାର ଦମନ ପାଇଁ ଏକର ପ୍ରତି 100 ଗ୍ରାମ୍ ଥୟାମେଥୋକଜାମ୍ କିମ୍ବା 400 ମିଲି ଡାଇମେଥୋଏଟ୍ ସ୍ପ୍ରେ କରନ୍ତୁ |
- ଅନାବନା ଘାସ ପିଆଜ ଫସଲର ପ୍ରଧାନ ଶତ୍ରୁ | ପିଆଜ ଗଛର ଚେର ମାଟିର ଉପର ଭାଗରେ ରହେ ଓ 15 ସେମିରୁ ଅଧିକ ଗଭୀରକୁ ଯାଏ ନାହିଁ | ତେଣୁ ମାଟିର ଉପର ଭାଗ ହାଲୁକା ରହିବା ଦରକାର | ଗହୀରିଆ କୋଡାଖୁସା କରିବା ଅନୁଚିତ | 60 ଦିନ ପୂର୍ବରୁ 2 ରୁ 3 ଥର ହାଲୁକା କୋଡା ଖୁସା କରି ଅନାବନା ଘାସ ବାଛି ଦିଅନ୍ତୁ |60 ଦିନ ପରେ ଦରକାର ହେଲେ ଅନାବନା ଘାସକୁ 2 ରୁ 3 ଥର ହାତରେ ଉପାଡି ଜମିକୁ ସଫା ରଖନ୍ତୁ |

## ଫଳ ଜାତୀୟ ଫସଲ

**କଦଳୀ**

- ସିଗାଟୋକା ପତ୍ରଦାଗ ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୧୨% + ମାନକୋଜେବ୍ ୬୩% ଡବ୍ଲୁ.ପି. କିମ୍ବା କ୍ଲୋରୋଥାଲୋନିଲ୍ ୭୫% ଡବ୍ଲୁ.ପି. ମିଶାଇ ପତ୍ର ସିଞ୍ଚନ କରନ୍ତୁ |

**ଅମୃତଭଣ୍ଡା**

- ଦହିଆ ପୋକ ଓ ଜଉପୋକ ଦେଖାଦେଲେ ପ୍ରତି ଲିଟର ପାଣିରେ ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. କିମ୍ବା ୦.୩ ଗ୍ରାମ୍ ଥାୟୋମେଥୋକ୍ସାମ୍ ୨୫% ଡବ୍ଲୁ.ଜି. ମିଶାଇ ସିଞ୍ଚନ କରନ୍ତୁ |

**ନଡିଆ**

- ନଡ଼ିଆର ନାଲି ଘୁଣି ପୋକ ଦେଖାଦେଲେ ଗଣ୍ଡିରେ ହୋଇଥିବା କଣାରେ କାର୍ବୋଫ୍ୟୁରାନ୍ ୩% ଜି. + ବାଲି ୧:୧ ଅନୁପାତରେ ମିଶାଇ କଣାକୁ ମୁଦି ଦିଅନ୍ତୁ |

ଗଣ୍ଡାପୋକ ଦେଖାଦେଲେ ନଡିଆ ବଗିଚା ପାଖରେ ଥିବା ଖତଗଦାକୁ ସଫା କରନ୍ତୁ ଓ କ୍ଲୋରପାଇରିଫସ୍ ୧.୫% ଗୁଣ୍ଡ ପକାଇ ବିଶୋଧନ କରନ୍ତୁ |

## ମହୁ ଚାଷ

- ❖ ମହୁମାଛି ପାଳନ ପାଇଁ ଖର୍ଚ୍ଚ କମ୍ ଓ ପରିଶ୍ରମ ମଧ କମ୍ କରିବାକୁ ପଡିଥାଏ | ଏହାକୁ ବ୍ୟବସାୟିକ ଭିତ୍ତିରେ ଗ୍ରହଣ କଲେ 15 ରୁ 20 ଟି ବାକ୍ସ ରଖିବା ଦରକାର | 2ଟି ବା 3ଟି ବାକ୍ସରେ ମହୁମାଛି ରଖିଲେ ନିଜର ଦରକାର ମୁତାବକ ମହୁ ମିଳି ପ୍ରାୟ 1000 ଟଙ୍କା ଲାଭ ମିଳିଥାଏ |
- ❖ ମହୁ ଚାଷ ପାଇଁ ମହୁବାକ୍ସ, କୁଇନ୍ ଗେଟ୍, ସ୍ମୋକ ବା ଧୂଆଁ ଦେବା ଯନ୍ତ୍ର, ଏକ୍ସଟ୍ରାକ୍ଟର, ଓ ଫ୍ରେମ୍ ଆଦି ଜିନିଷ ଦରକାର ହୋଇଥାଏ |
- ❖ ମହୁଚାଷ ପାଇଁ ସାଧାରଣତଃ ସାତଫେଣିଆ ମାଛିଙ୍କୁ ପାଳନ କରାଯାଏ |
- ❖ ମହୁମାଛି ବର୍ଷର ସବୁ ସମୟରେ ସକ୍ରୀୟ ରହନ୍ତି | ବର୍ତ୍ତମାନ ସୋରିଷ, ସୂର୍ଯ୍ୟମୁଖୀ, ଗୋଲାପ, ଜିନିଆ, ସେବତି,ଗେଣ୍ଡୁ ଆଦି ଫୁଲ ଫୁଟୁଥିବାରୁ ମହୁମାଛି ମାନେ ସହଜରେ ମହୁ ଓ ରେଣୁ ସଂଗ୍ରହ କରିଥାଆନ୍ତି |
- ❖ ପ୍ରତି ସପ୍ତାହରେ ଥରେ ବାକ୍ସ ଫିଟାଇ ଫେଣା ସହ ଫ୍ରେମ କୁ ଚେକି ଦିଅନ୍ତୁ | ଲାଗିଯାଇଥିବା ଦୁଇଟି ଫେଣାକୁ କାଟି ଅଲଗା କରନ୍ତୁ |
- ❖ ବାକ୍ସର ଉପରି ଭାଗକୁ ଘୋଡାଇ ରଖନ୍ତୁ | ବାକ୍ସର ଭିତର ବାହାର ସଫା ରଖନ୍ତୁ ଓ ଆକ୍ରମଣକାରୀ ଜୀବଙ୍କ ଠାରୁ ନିରାପଦ ସ୍ଥାନରେ ରଖନ୍ତୁ, ଧୂଆଁ ନବାଜିବା ପାଇଁ ସତର୍କ ଧ୍ୟାନ ଦିଅନ୍ତୁ |
- 

<u>ପଶୁ ସମ୍ପଦ</u>

## ଶୀତଦିନେ ଗୃହପାଳିତ ପ୍ରାଣୀସମ୍ପଦର ଯତ୍ନ

ଶୀତଦିନେ ପ୍ରାଣୀପାଳକ ମାନେ ପ୍ରାଣୀସମ୍ପଦର ସ୍ୱାସ୍ଥ୍ୟ ରକ୍ଷା ନେଇ ଅନେକ ରୂପେ ଚିନ୍ତିତ ଥାଆନ୍ତ । ଠିକ୍ ଭାବରେ ଯତ୍ନ ନ ନେଲେ ପ୍ରାଣୀସମ୍ପଦର ଉତ୍ପାଦନ କ୍ଷମତାରେ ହ୍ରାସ ଘଟିଥାଏ ଓ ଚାଷୀ ମାନେ ପ୍ରଭୁତ କ୍ଷତି ସହିଥାନ୍ତି । ଶୀତ ଦାଉରୁ ପ୍ରାଣୀସମ୍ପଦର ସୁରକ୍ଷା ସାଙ୍ଗକୁ ଉତ୍ପାଦକତା ବଢ଼ାଇବାକୁ ନିମ୍ନଲିଖିତ ସତର୍କତା ଅବଲମ୍ବନ କରିବା ବିଧେୟ ।

- ■ ଶୀତ ରାତିରେ ଗୃହପାଳିତ ପ୍ରାଣୀ ମାନଙ୍କୁ ବାହାରେ ଛାଡ଼ନ୍ତୁ ନାହିଁ କିମ୍ବା ଖୋଲା ସ୍ଥାନରେ ବାନ୍ଧନ୍ତୁ ନାହିଁ ।
- ■ ଖୋଲା ଗୁହାଳ ହୋଇଥିଲେ ରାତ୍ରି ସମୟରେ ଜରି, ପାଲ ଓ ଅଖା ଆଦିରେ ଏହାକୁ ନିବୃତ୍ତ କରି ରଖନ୍ତୁ ।
- ■ ଗର୍ଭବତୀ ପ୍ରାଣୀ ତଥା ସେମାନଙ୍କ ଛୁଆଙ୍କ ସକାଶେ ନଡ଼ା ଓ ଶୁଖିଲା ପତ୍ର ଆଦିର ବିଛଣା ପ୍ରସ୍ତୁତ କରି ରଖନ୍ତୁ । ଏହା ଆରାମଦାୟକ ପ୍ରସବ ସାଙ୍ଗକୁ ଛୁଆମାନଙ୍କୁ ଆବଶ୍ୟକ ଉଷ୍ମତା ପ୍ରଦାନ କରିଥାଏ ।

## ଗୃହପାଳିତ ପ୍ରାଣୀଙ୍କ ଅତ୍ୟଧିକ ଥଣ୍ଡାରୁ ସୁରକ୍ଷା ନିମନ୍ତେ ବିଭିନ୍ନ ଉପାୟ

- ➢ ସମସ୍ତ ଗୃହପାଳିତ ପ୍ରାଣୀ ଯଥା – ଗୋରୁ, ମଇଁଷି, ଛେଳି, ମେଣ୍ଢା ଇତ୍ୟାଦିଙ୍କର ନିୟମିତ ମଳ ପରୀକ୍ଷା ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟରେ କରାଇ ବ୍ଳକ ପ୍ରାଣୀ ଚିକିତ୍ସାଧିକାରୀ / ପ୍ରାଣୀ ଚିକିତ୍ସକ / ପ୍ରାଣୀଧନ ନିରୀକ୍ଷକଙ୍କ ପରାମର୍ଶ କ୍ରମେ କୃମି ଔଷଧ ଖୁଆନ୍ତୁ ।
- ➢ ରୋଗ ଆରମ୍ଭ ହେବା ମାତ୍ରେ ପ୍ରାଣୀ ଚିକିତ୍ସକଙ୍କ ସହିତ ପରାମର୍ଶକରି ତୁରନ୍ତ ଚିକିତ୍ସା ବ୍ୟବସ୍ଥା କରନ୍ତୁ ।
- ➢ ସଂକ୍ରାମକ ରୋଗ ନ ହେବା ପାଇଁ ଯଥା ଶୀଘ୍ର ପ୍ରତିଷେଧକ ଟୀକା ଦେବାର ବ୍ୟବସ୍ଥା କରନ୍ତୁ ।
- ➢ ବାଛୁରୀଙ୍କୁ ବଜବଜିଆ ଟୀକା ଏବଂ ଗୋରୁଗାଈଙ୍କୁ ସାହାଣା ଟୀକା ପ୍ରଦାନ କରାନ୍ତୁ ।
- ➢ ଗୋରୁଗାଈଙ୍କୁ ପ୍ରତି ୬ ମାସରେ ଥରେ ଫାଟୁଆ ଟୀକା ପ୍ରଦାନ କରାନ୍ତୁ ।
- ➢ ଉପଯୁକ୍ତ ସମୟାନୁସାରେ କୁକୁଡ଼ାଙ୍କୁ ପ୍ରତିଷେଧକ ଟୀକା ଦେବାର ବ୍ୟବସ୍ଥା କରନ୍ତୁ ।
- ➢ ଗୁହାଳ ବା କୁକୁଡ଼ା ଘରର ପରିମଳ ବ୍ୟବସ୍ଥା ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ ।
- ➢ ମୃତ ପ୍ରାଣୀଙ୍କୁ ଏଣେ ତେଣେ ନ ପକାଇ ଗଭୀର ଗାତ ଖୋଳି ଚୂନ ଦେଇ ପୋତି ଦିଅନ୍ତୁ ।
- ➢ ଯଦି ଆପଣଙ୍କ ଅଞ୍ଚଳରେ କୌଣସି ରୋଗର ମହାମାରୀ ଦେଖାଦିଏ, ତେବେ ନିକଟସ୍ଥ ବ୍ଳକ ପ୍ରାଣୀ ଚିକିତ୍ସା ଅଧିକାରୀ / ପ୍ରାଣୀ ଚିକିତ୍ସକଙ୍କ ସହିତ ତୁରନ୍ତ ଯୋଗାଯୋଗ କରନ୍ତୁ ।
- ➢ ପ୍ରତିଷେଧକ ଟୀକା ପ୍ରଦାନ ପୂର୍ବରୁ ପ୍ରାଣୀଙ୍କୁ କୃମି ଔଷଧ ଖୁଆଇ ସ୍ୱାସ୍ଥ୍ୟବାନ ରଖନ୍ତୁ ।
- ➢ ବନ୍ୟା, ବାତ୍ୟା ଓ ବଜ୍ରପାତ ଇତ୍ୟାଦି ପ୍ରାକୃତିକ ଦୁର୍ବିପାକ ସମୟରେ ପ୍ରାଣୀମାନଙ୍କ ସୁରକ୍ଷା ନିମନ୍ତ ଆବଶ୍ୟକୀୟ ପଦକ୍ଷେପ ନେବାର ବ୍ୟବସ୍ଥା କରନ୍ତୁ ।
- ➢ ସବୁଦିନିଆ ଘାସଚାଷ କରି ଗାଈ, ମଇଁଷି ମାନଙ୍କୁ ଖାଇବାକୁ ଦିଅନ୍ତୁ, ଏହାଦ୍ୱାରା ଦାନା ପାଇଂ ହେଉଥିବା ଖର୍ଚ୍ଚ କମାଇପାରିବେ ।
- ➢ ସମସ୍ତ ଗୃହପାଳିତ ପ୍ରାଣୀ ଯଥା ଗାଈ, ମଇଁଷି, ଛେଳି, ମେଣ୍ଢା ଇତ୍ୟାଦିର ବୀମାକରଣ କରାଇ ନିଅନ୍ତୁ ।
- ➢ ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଓ ଚିକିତ୍ସା ପାଇଁ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ସେବା **MVU** ର ସାହାଯ୍ୟ ନିଅନ୍ତୁ ।

## <u>ଗୋଖାଦ୍ୟ ଚାହିଦା ମେଣ୍ଟାଇବା ପାଇଁ ଆଜୋଲା ଚାଷ କରନ୍ତୁ</u>

- ପ୍ରତି ଆଜୋଲା ପିଟ୍ ପାଇଁ 2 ମିଟର ଲମ୍ବା, 2 ମିଟର ଚଉଡାର ଏକ କ୍ଷେତ୍ର ପ୍ରସ୍ତୁତ କରନ୍ତୁ |
- ଆଜୋଲା ଚାଷ କରିଥିଲେ ପ୍ରତି ପିଟ୍ ରୁ ଦୈନିକ ଅଧାକେଜି ରୁ ଏକ କେଜି ପର୍ଯ୍ୟନ୍ତ ଆଜୋଲା ଅମଳ କରି ଗାଇଗୋରୁଙ୍କୁ ଖାଇବାକୁ ଦିଅନ୍ତୁ |
- ନଡାର ସୁବିଧା ଥିଲେ ପିଡିଆ ମିଶ୍ରିତ ନଡା ଉପଚାର କରନ୍ତୁ | ଏଥିପାଇଁ ଆବଶ୍ୟକ ଉପାଦାନ ହେଲା ୟୁରିଆ 4 କେଜି, ପାଣି 50 ଲିଟର, ଓ ନଡା 100 କେଜି |
- ପିଡିଆମିଶ୍ରିତ ନଡା ଉପଚାରକୁ ଗର୍ଭ ଗାଇ ଓ ବାଛରୀଙ୍କୁ ଛାଡି ପଡିଆ ଗାଈ ଓ ଦୁଧିଆଳୀ ଗାଈଙ୍କୁ ଖାଇବାକୁ ଦିଅନ୍ତୁ |
- ଗୃହପାଳିତ ପ୍ରାଣୀ ମାନଙ୍କୁ ଡାକ୍ତରଙ୍କ ପରାମର୍ଶକ୍ରମେ ପ୍ରତିଷେଧକ ଟୀକା ଦିଅନ୍ତୁ |
- ଗାଇ ବା ଛଡା ଗରମ ଆସିବାର 12 ଘଣ୍ଟାରୁ 15 ଘଣ୍ଟା ମଧ୍ୟରେ କୃତ୍ରିମ ପ୍ରଜନନ କରାନ୍ତୁ |

**ଗୋଖାଦ୍ୟ ଘାସ ମକା**

- ରବି ଋତୁରେ ଗୋଖାଦ୍ୟ ମକା ପାଇଁ ଜଳସେଚିତ ଢିପ ଜମି ଓ ମଧ୍ୟମ କିସମ ଜମିକୁ ପ୍ରସ୍ତୁତ କରି ଆଫ୍ରିକାନ୍ ଟଲ୍ କିମ୍ବା ଜେ 1006- କିସମକୁ ଲଗାନ୍ତୁ ।କିସମ ଅନୁଯାୟୀ ଏକର ପ୍ରତି ଗ୍ରା ବିହନ ବ୍ୟବହାର କରନ୍ତୁ.କି 10 ।ଜମିକୁ ଭଲଭାବେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ । ଏକର ପ୍ରତି କରନ୍ତୁ ଟନ୍ ସଢା ଗୋବର ଖତ ପ୍ରୟୋଗ ।
- ବିହନ ବୁଣିବାର ଦିନ ପୂର୍ବରୁ ବିହନକୁ ଭଲଭାବେ ଖରାରେ ସୁଖାଇ ଓ ବିହନକୁ ବିଶୋଧନ କରି ବୁଣନ୍ତୁ 7 ।ମ୍ .ଗ୍ରା 3 ଗ୍ରା ବିହନକୁ.କି 1 ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ବିହନ 1.5 ଥିରାମ୍ କିମ୍ବା ବିଶୋଧନ କରନ୍ତୁ । ସାତ ଦିନ ପରେ ପ୍ରତି କିମ୍ ହିସାବରେ .ଗ୍ରା 20 ଗ୍ରା ଦିନକୁ. ନରେ ଗୋଳାଇ ଏକ ଘଣ୍ଟା ଭିଜାଇ ଛାଇରେ ଶୁଖାଇ ଦିଅନ୍ତୁଆଜୋସ୍ପିରିଲମ୍ ବିହ । ବିହନକୁ ଧାଡିରେ ବୁଣନ୍ତୁ ଦିଅନ୍ତୁ ।

- କୁକୁଡାକୁ ଅତ୍ୟଧିକ ଶୀତ ଦାଉରୁ ରକ୍ଷା କରିବା ପାଇଁ କୁକୁଡା ଘରକୁ ରାତିରେ ପଲିଥିନ୍ କିମ୍ବା ଅଖାରେ ଘୋଡାଇ ଦିଅନ୍ତୁ ।
- ଘରର ବାଡିରେ ଉନ୍ନତ କିସମର ଅଣ୍ଡାଦିଆ କୁକୁଡା ପାଳନ୍ତୁ ।
- ନଡାର ସୁବିଧା ଥିଲେ ପିଡିଆ ମିଶ୍ରିତ ନଡା ଉପଚାର କରନ୍ତୁ । ଏଥିପାଇଁ ଆବଶ୍ୟକ ଉପାଦାନ ହେଲା ୟୁରିଆ 4 କେଜି, ପାଣି 50 ଲିଟର, ଓ ନଡା 100 କେଜି ।ପିଡିଆ ମିଶ୍ରିତ ନଡା ଉରଚାର କୁ ଗର୍ଭ ଗାଇ ଓ ବାଛୁରୀ ଙ୍କୁ ଛାଡି ପଡିଆ ଗାଈ ଓ ଦୁଧୁଆଳୀ ଗାଈଙ୍କୁ ଖାଇବାକୁ ଦିଅନ୍ତୁ ।

**ମାଛ ଚାଷ**

- ଶୀତ ଦିନେ ପୋଖରୀରେ ସାଧାରଣତଃ ଖାଦ୍ୟ କମାଇବା ସହିତ ଜୈବିକ ସାର ପ୍ରୟୋଗ ନକରିବା ଉଚିତ୍ |
- ବୀଜାଣୁ ଜନିତ ଗାଲି ରୋଗରେ ଆକ୍ରାନ୍ତ ମାଛ ଭଲ ଭାବରେ ପହଁରି ପାରେ ନାହିଁ | କୂଳକୁ ଆସି ବାଡେଇହୁଏ ଗାଲି ଛିଡିଯାଏ ଏ ସେଥା ପଡିଯାଏ| ଆକ୍ରାନ୍ତ ମାଛକୁ 30 ପିପିଟି ଲୁଣପାଣିରେ 4 ମିନିଟ ବୁଡାଇ ପୋଖରୀରେ ଛାଡିଲେ ରୋଗ ଭଲ ହୋଇଯିବ ଓ ଏହା ବ୍ୟତିତ ପ୍ରତି ଏକର ମିଟର ପୋଖରୀ ପାଣିରେ 40 କିଗ୍ରା କର୍ବୋନେଟ୍ ଚୂନ ଓ ଆୟୋଡିନ୍ ଦ୍ରବଣ ଯୁକ୍ତ ଔଷଧ ଆବଶ୍ୟକ ମୁତାବକ ପ୍ରୟୋଗ କରନ୍ତୁ|

**ବିଶେଷ ଦ୍ରଷ୍ଟବ୍ୟ**

- କୃଷି ସମସ୍ୟାର ସମାଧାନ ପାଇଁ ବିନା ଦେୟରେ କିଷାନ୍ କଲ୍ କେନ୍ଦ୍ରର 1551 ନମ୍ବରକୁ ଫୋନ୍ କରନ୍ତୁ |
- **ଫସଲ ବୀମା ନିଶ୍ଚିତ ପକ୍ଷେ କରନ୍ତୁ |**

**ଅନୁପମା ବଳିୟାରସିଂହ**
**ନୋଡାଲ୍ ଅଫିସର,**
**ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି**